Candidate must not write on this margin.

# CSM—56/23

## PART—II/PAPER—VI

## POLITICAL SCIENCE & INTERNATIONAL RELATIONS

## ରାଜନୀତି ବିଜ୍ଞାନ ଓ ଆନ୍ତର୍ଜାତୀୟ ସଂପର୍କ

## PAPER—I

**Time : 3 Hours**

ସମୟ : ୩ ଘଣ୍ଟା

**Full Marks : 250**

ପୂର୍ଣ୍ଣ ସଂଖ୍ୟା : ୨୫୦

*The question paper contains* **18 (Eighteen)** *questions in* **GROUP—A, (12)** *and* **GROUP—B, (06)** *together.*

ପ୍ରତ୍ୟେକ ପ୍ରଶ୍ନପତ୍ରରେ **GROUP—A, (12)** ଏବଂ **GROUP—B, (06)**କୁ ମିଶାଇ **18**ଟି ପ୍ରଶ୍ନ ରହିଛି।

### GROUP—A

### ଗ୍ରୁପ୍—A

*Candidates to attempt* **10 (ten)** *questions within word limit of* **250**. *Each question carries* **15** *marks.*

ପରୀକ୍ଷାର୍ଥୀମାନେ **୧୦**ଟି ପ୍ରଶ୍ନ **୨୫୦** ଶବ୍ଦ ମଧ୍ୟରେ ଉତ୍ତର ଦେବେ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **୧୫** ମାର୍କ।

**1.** Discuss the historical, normative and empirical approaches to political theory. How do these approaches contribute to the understanding of contemporary political issues?

ରାଜନୈତିକ ତତ୍ତ୍ୱର ଐତିହାସିକ, ଆଦର୍ଶଗତ ଓ ଅଭିଜ୍ଞତାମୂଳକ ଉପଲବ୍ଧି ଆଲୋଚନା କର। ସମସାମୟିକ ରାଜନୈତିକ ପ୍ରସଙ୍ଗଗୁଡ଼ିକୁ ବୁଝିବାରେ ଏହି ଉପଲବ୍ଧଗୁଡ଼ିକ କିପରି ସହାୟତା କରିଥାନ୍ତି?

**2.** Explain the concept of State sovereignty. How have monistic and pluralistic theories interpreted sovereignty in the context of globalization?

ରାଷ୍ଟ୍ରର ସାର୍ବଭୌମତ୍ତ୍ୱ କହିଲେ କ'ଣ ବୁଝ? ଜଗତୀକରଣ ପରିପ୍ରେକ୍ଷୀରେ ଏକତାବାଦୀ ଓ ବହୁବାଦୀ ତତ୍ତ୍ୱଗୁଡ଼ିକ କିପରି ସାର୍ବଭୌମତ୍ତ୍ୱକୁ ତର୍ଜମା କରିଥାନ୍ତି?

**Candidate must not write on this margin.**

3. Critically examine classical democratic theory. How do contemporary democratic models address the limitations of classical theories?

   କ୍ଲାସିକାଲ୍ ଗଣତାନ୍ତ୍ରିକ ତତ୍ତ୍ୱର ସମୀକ୍ଷାତ୍ମକ ଆଲୋଚନା କର। ସମସାମୟିକ ଗଣତାନ୍ତ୍ରିକ ମଡେଲଗୁଡ଼ିକ କିପରି କ୍ଲାସିକାଲ ତତ୍ତ୍ୱରେ ସୀମାବଦ୍ଧତାକୁ address କରିଥାଏ?

4. Discuss the major theories of human rights. How do these theories influence contemporary debates on justice, equality and political obligation?

   ମାନବିକ ଅଧିକାରର ପ୍ରମୁଖ ତତ୍ତ୍ୱଗୁଡ଼ିକ ଆଲୋଚନା କର। ଏହି ତତ୍ତ୍ୱଗୁଡ଼ିକ କିପରି ନ୍ୟାୟ, ସମାନତା ଓ ରାଜନୈତିକ ଆନୁଗତ୍ୟ ଉପରେ ସମସାମୟିକ ତର୍କ ବିତର୍କ ଉପରେ ପ୍ରଭାବ ପକାଇଥାଏ?

5. Explain the concept of political obligation. To what extent can individuals justifiably disobey the State in the framework of democratic governance?

   ରାଜନୈତିକ ଆନୁଗତ୍ୟ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କର। ଗଣତାନ୍ତ୍ରିକ ଢାଞ୍ଚାରେ ବ୍ୟକ୍ତିବିଶେଷ କିପରି ଉଚିତ ଢଙ୍ଗରେ ରାଷ୍ଟ୍ରର ଅମାନ୍ୟ କରିପାରିବେ?

6. Analyze the concept of political culture. How does political culture shape political economy and governance in democratic and authoritarian regimes?

   ରାଜନୈତିକ ସଂସ୍କୃତି ଧାରଣା କ'ଣ? ଗଣତାନ୍ତ୍ରିକ ଓ ସ୍ୱେଚ୍ଛାଚାରୀ ଶାସନରେ ରାଜନୈତିକ ସଂସ୍କୃତି କିପରି ରାଜନୈତିକ ଅର୍ଥନୀତି ଓ ପ୍ରଶାସନର ସ୍ୱରୂପ ନିର୍ଦ୍ଧାରଣ କରିଥାଏ?

7. Define hegemony in political theory. How do the theories of Pareto, Mosca, Michels and Gramsci contribute to our understanding of elite dominance and power structures?

   ରାଜନୈତିକ ତତ୍ତ୍ୱରେ ଆଧିପତ୍ୟ କହିଲେ କ'ଣ ବୁଝ? ପାରୋଟୋ, ମୋସ୍କା, ମାଇକେଲସ୍ ଓ ଗ୍ରାମସ୍କିଙ୍କ ତତ୍ତ୍ୱଗୁଡ଼ିକ ଅଭିଜାତ ବର୍ଗ ଆଧିପତ୍ୟ ଓ କ୍ଷମତା ରୂପରେଖ ସ୍ଥିରକରିବାରେ ଆମର ଧାରଣାକୁ କିପରି ସହାୟତା କରିଥାଏ?

8. Compare and contrast the political philosophies of Manu and Kautilya. How are their ideas relevant to contemporary governance in India?

   ମନୁ ଓ କୌଟିଲ୍ୟଙ୍କ ରାଜନୈତିକ ଦର୍ଶନର ତୁଳନା ଓ ବିରୋଧାଭାସ ଆଲୋଚନା କର। ଭାରତର ସମସାମୟିକ ପ୍ରଶାସନ କ୍ଷେତ୍ରରେ ସେମାନଙ୍କ ଦର୍ଶନର କିପରି ସମ୍ପର୍କିତ - ଆଲୋଚନା କର।

**Candidate must not write on this margin.**

**9.** Critically examine Mahatma Gandhi's political philosophy. How does his concept of non-violence compare with Ambedkar's approach to social justice?

ମହାତ୍ମା ଗାନ୍ଧୀଙ୍କ ରାଜନୈତିକ ଦର୍ଶନ ର ସମୀକ୍ଷାତ୍ମକ ଆକଳନ କର। ତାଙ୍କର ଅହିଂସା ନୀତି ଆମ୍ବେଦକରଙ୍କ ସାମାଜିକ ନ୍ୟାୟ ଦୃଷ୍ଟିଭଙ୍ଗୀ ସହିତ କିପରି ତୁଳନୀୟ?

**10.** Analyze Plato's concept of justice. How does Aristotle's critique of Plato contribute to the development of Western political thought?

ପ୍ଲାଟୋଙ୍କ ନ୍ୟାୟ କ'ଣ? ଆରିଷ୍ଟଟଲ୍‌ଙ୍କ ଦ୍ୱାରା ପ୍ଲାଟୋଙ୍କ ସମୀକ୍ଷା କିପରି ପାଶ୍ଚାତ୍ୟ ରାଜନୈତିକ ଚିନ୍ତାଧାରର ବିକାଶକୁ ପ୍ରଭାବିତ କରଛି?

**11.** Discuss Machiavelli's views on power and statecraft. How did his ideas influence modern political realism?

କ୍ଷମତା ଓ ରାଷ୍ଟ୍ରନୀତି ଉପରେ ମାକିଆଭେଲି (Machiavelli's)ଙ୍କ ଦୃଷ୍ଟିକୋଣ କ'ଣ? ଆଧୁନିକ ରାଜନୈତିକ ବାସ୍ତବବାଦକୁ ତାଙ୍କ ଚିନ୍ତାଧାରା କିପରି ପ୍ରଭାବିତ କରିଥିଲା?

**12.** Evaluate J. S. Mill's contributions to liberal political thought. How do his ideas on liberty and Representative Government influence contemporary democracy?

ଉଦାରବାଦୀ ରାଜନୈତିକ ଚିନ୍ତାଧାରକୁ ଜେ.ଏସ୍. ମିଲ୍‌ଙ୍କ ଅବଦାନ ଆଲୋଚନା କର। ମୁକ୍ତ ଓ ପ୍ରତିନିଧିମୂଳକ ସରକାର ଉପରେ ତାଙ୍କର ଧାରଣା ସମସାମୟିକ ଗଣତାନ୍ତ୍ରକୁ କିପରି ପ୍ରଭାବିତ କରେ?

## GROUP—B

## ଗ୍ରୁପ୍—B

*Candidates to attempt* **05 *(five)*** *questions within word limit of* **300**.
*Each question carries* **20** *marks.*

ପରୀକ୍ଷାର୍ଥୀମାନେ **୦୫**ଟି ପ୍ରଶ୍ନ **୩୦୦** ଶବ୍ଦ ମଧ୍ୟରେ ଉତ୍ତର ଦେବେ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **୨୦** ମାର୍କ।

**13.** Discuss the contributions of any two thinkers from the Indian Nationalist Movement, such as Raja Ram Mohan Roy, Dadabhai Naoroji or Bal Gangadhar Tilak. How did their ideas influence the freedom struggle and post-Independence policies?

ରାଜା ରାମମୋହନ ରାୟ, ଦାଦାଭାଇ ନାରୋଜି, ବାଲଗଙ୍ଗାଧର ତିଳକ ପରି ଭାରତୀୟ ଜାତୀୟବାଦୀ ଆନ୍ଦୋଳନର ଚିନ୍ତାନାୟକଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବଦାନ ଆଲୋଚନା କର। ଭାରତର ମୁକ୍ତି ସଂଗ୍ରାମ ଓ ସ୍ୱାଧୀନତା ପରବର୍ତ୍ତୀ ନୀତିକୁ ସେମାନଙ୍କ ଧାରଣା କିପରି ପ୍ରଭାବିତ କରଥିଲା?

**14.** Analyze the constitutional developments in India before independence. How did the Morley-Minto Reforms (1909), the Montagu-Chelmsford Reforms (1919), and the Government of India Act, 1935 contribute to the making of the Indian Constitution?

ସ୍ୱାଧୀନତା ପୂର୍ବରୁ ଭାରତର ସାମ୍ବିଧାନିକ ବିକାଶ ଆଲୋଚନା କର। ମର୍ଲେ-ମିଣ୍ଟୋ ଶାସନ ସଂସ୍କାର (1909), ମଣ୍ଟେଗୁ ଚେମସ୍ଫୋର୍ଡ ସଂସ୍କାର (1919) ଓ ଭାରତ ସରକାର ଚୁକ୍ତି, 1935 କିପରି ଭାରତୀୟ ସମ୍ବିଧାନ ପ୍ରସ୍ତୁତିକୁ ସହାୟତା କରିଥିଲା?

**15.** The Indian judiciary is regarded as the guardian of the Constitution. Discuss the powers and functions of the Supreme Court, with special reference to judicial review and judicial activism.

ଭାରତୀୟ ନ୍ୟାୟପାଳିକାକୁ ସମ୍ବିଧାନର ରକ୍ଷକ ଭାବରେ ବିବେଚନା କରାଯାଏ। ନ୍ୟାୟିକ ସମୀକ୍ଷା ଓ ନ୍ୟାୟିକ କାର୍ଯ୍ୟ କଳାପ ପରିପ୍ରେକ୍ଷୀରେ ସୁପ୍ରିମ କୋର୍ଟର କ୍ଷମତା ଓ କାର୍ଯ୍ୟ ବିଷୟରେ ବ୍ୟାଖ୍ୟା କର।

**16.** Political parties and pressure groups shape Indian democracy in different ways. Compare their roles in influencing public policy and governance.

ରାଜନୈତିକ ଦଳ ଓ ଚାପଗୋଷ୍ଠୀ ଭାରତୀୟ ଗଣତାନ୍ତ୍ରକୁ ବିଭିନ୍ନ ଉପାୟରେ ପ୍ରଭାବିତ କରିଥାନ୍ତି। ସାଧାରଣ ନୀତି ଓ ଶାସନକୁ ପ୍ରଭାବିତ କରିବାରେ ସେମାନଙ୍କର ଭୂମିକାକୁ ତୁଳନା କର।

**17.** Local self-governance has been strengthened by the 73rd and 74th Constitutional Amendments. Analyze their impact on grassroots democracy and discuss the challenges faced by Panchayati Raj and Municipal governance in India.

73ତମ ଏବଂ 74ତମ ସମ୍ବିଧାନ ସଂଶୋଧନ ଦ୍ୱାରା ସ୍ଥାନୀୟ ସ୍ୱାୟତ ଶାସନକୁ ସୁଦୃଢ଼ କରାଯାଇଛି। ତୃଣମୂଳ ଗଣତନ୍ତ୍ରରେ ସେମାନଙ୍କର ପ୍ରଭାବ ବିଶ୍ଳେଷଣ କର। ପଞ୍ଚାୟତରାଜ ଓ ପୌର ପ୍ରଶାସନ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ ଆଲୋଚନା କର।

**18.** State politics in Odisha has been shaped by historical and social factors. Discuss the impact of Odia nationalism, the Praja Mandal Movements and the integration of Princely States on Odisha's political landscape.

ଐତିହାସିକ ଓ ସାମାଜିକ କାରଣ ଦ୍ୱାରା ଓଡ଼ିଶାରେ ରାଜ୍ୟ ରାଜନୀତିର ସ୍ୱରୂପ ନିର୍ଦ୍ଧାରିତ ହୋଇଛି। ଓଡ଼ିଶାର ରାଜନୈତିକ ପୃଷ୍ଠଭୂମିରେ ଓଡ଼ିଆ ଜାତୀୟତାବାଦ, ପ୍ରଜାମଣ୍ଡଳ ଆନ୍ଦୋଳନ ଏବଂ ଗଡ଼ଜାତ ରାଜ୍ୟର ଏକତ୍ରୀକରଣର ପ୍ରବାବ ଆଲୋଚନା କର।

★★★

**Candidate must not write on this margin.**